# NATIONAL NEWS BULLETIN (ODIA)

## 11th September - 2025

## Evening Bulletin : 7.15 p.m.

***********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଉଦୟନାଥ ସ୍ୱାଇଁ**

## ମୁଖ୍ୟ ସମ୍ବାଦ

- ମରିସସ୍ ଓ ଭାରତ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ୪ଟି ବୁଝାମଣାପତ୍ର ସ୍ୱାକ୍ଷରିତ ।

- ଉତ୍ତରାଖଣ୍ଡର ଡେରାଡୁନ୍‌ରେ ବନ୍ୟା ପରିସ୍ଥିତିର ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ।

— ରାଜ୍ୟକୁ ୧ ୨ ଶହ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା ।

- ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବାପାଇଁ ଜୀବାଶ୍ମ ଇନ୍ଧନ ଆମଦାନୀ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କଲେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ।

- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ସାଂସ୍କୃତିକ ନବଜାଗରଣର ଏକ ପର୍ଯ୍ୟାୟ ଦେଇ ଗତିକରୁଛି; କହିଲେ ସଂସ୍କୃତି ମନ୍ତ୍ରୀ ।

ଏବଂ

- ଭାରତ’ ମ୍ୟାଲେରିଆ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି; କହିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ।

## ପି.ଏମ୍. - ବାରାଣସୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବାରାଣସୀରେ ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ପ୍ରଧାନମନ୍ତ୍ରୀ ରାମଗୁଲାମ୍ ଗତକାଲି ଆଧ୍ୟାତ୍ମିକ ନଗରୀ ବାରାଣସୀରେ ପହଞ୍ଚିଥିଲେ ଏବଂ ଉତ୍ତର ପ୍ରଦେଶ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ତାଙ୍କୁ ସ୍ୱାଗତ କରିଥିଲେ । ଏକ ମିଳିତ ପ୍ରେସ୍ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦୁଇଦେଶ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ପୁନଃ ସ୍ଥାପନ କରି କହିଛନ୍ତି, ଭାରତ ଏବଂ ମରିସସ୍ ଦୁଇଟି ରାଷ୍ଟ୍ର ହେଲେ ମଧ୍ୟ ଆମର ସ୍ୱପ୍ନ ଗୋଟିଏ ।

***Voice (PM)*** :...........

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଭାରତ ଏବଂ ମରିସସ୍ କେବଳ ଅଂଶୀଦାର ନୁହନ୍ତି, ବରଂ ଏକ ପରିବାର । ସେ କହିଛନ୍ତି, ଭାରତ ସର୍ବଦା ମରିସସ୍‌ର ସାର୍ବଭୌମତ୍ୱକୁ ପୂର୍ଣ୍ଣ ସ୍ୱୀକୃତି ଦେବା ସହ ତା’ର ଉପନିବେଶୀକରଣକୁ ସମର୍ଥନ କରିଆସିଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ବାହାରେ ପ୍ରଥମ ଜନଔଷଧି କେନ୍ଦ୍ର ମରିସସ୍‌ରେ ହିଁ ସ୍ଥାପିତ ହୋଇଛି । ଶକ୍ତି

ସୁରକ୍ଷା ଦ୍ୱିପାକ୍ଷିକ ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ବୋଲି ଶ୍ରୀ ମୋଦି କହିଛନ୍ତି ।

***Voice (PM - Energy)*** :...........

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଇ.ଆଇ.ଟି. ମାଡ୍ରାସ୍ ଏବଂ ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁସନ୍ ଅଫ୍ ପ୍ଲାଣ୍ଟେସନ୍ ମ୍ୟାନେଜ୍ମେଣ୍ଟ' ମରିସସ୍ ବିଶ୍ୱବିଦ୍ୟାଳୟ ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି ।

ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନାରେ ସହଯୋଗର ସମସ୍ତ କ୍ଷେତ୍ର ସାମିଲ୍ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ସାମୁଦ୍ରିକ ବିଜ୍ଞାନ, ପ୍ରଶାସନିକ ତାଲିମ୍ ଏବଂ ଟେଲିମେଟ୍ରି କ୍ଷେତ୍ରରେ ୪ଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ବିଦ୍ୟୁତ୍ କ୍ଷେତ୍ର, କ୍ଷୁଦ୍ର ବିକାଶ ପ୍ରକଳ୍ପପାଇଁ ଭାରତୀୟ ଅନୁଦାନ ସହାୟତା ଏବଂ ହାଇଡ୍ରୋଗ୍ରାଫି କ୍ଷେତ୍ରରେ ୩ଟି ଦସ୍ତାବିଜ୍ ଆଦାନ ପ୍ରଦାନ ହୋଇଛି । ଏହି ଆଲେଚାନା ଭାରତ ଏବଂ ମରିସସ୍ ମଧ୍ୟରେ ସଭ୍ୟତାଗତ ସଂଯୋଗ, ଆଧ୍ୟାତ୍ମିକ ବନ୍ଧନ, ଏବଂ ସ୍ଥାୟୀ ଲୋକସମ୍ପର୍କକୁ ପୁନଃନିର୍ଦ୍ଦିଷ୍ଟ କରିଛି । ମରିସସ୍ ପ୍ରଧାନମନ୍ତ୍ରୀ ଗତ ୯ ତାରିଖରୁ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଏକ ସପ୍ତାହବ୍ୟାପୀ ଭାରତ ଗସ୍ତରେ ଅଛନ୍ତି ।

## ଏମ୍.ଇ.ଏ. - ବ୍ରିଫିଙ୍ଗ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି, ଭାରତ ଏବଂ ମରିସସ୍ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଡ଼ୋଶୀଭାବେ ସାମୁଦ୍ରିକ ସୁରକ୍ଷା ଏବଂ ନିଶା କାରବାର

ସମ୍ବନ୍ଧୀୟ ଆହ୍ୱାନଗୁଡ଼ିକର ମୁକାବିଲାପାଇଁ ଏକତ୍ର କାର୍ଯ୍ୟ କରୁଛନ୍ତି । ଆଜି ଅପରାହ୍ଣରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ମିଶ୍ରି କହିଛନ୍ତି, ମରିସସ୍' ଭାରତର ପଡ଼ୋଶୀ ପ୍ରଥମ ନୀତି ଏବଂ ଦୃଷ୍ଟିକୋଣ ମହାସାଗରର ଏକ ଅବିଚ୍ଛେଦ୍ୟ ଅଂଶ । ସେ କହିଛନ୍ତି, ଭାରତ-ମରିସସ୍ ଦ୍ୱିପାକ୍ଷିକ ସମ୍ପର୍କ ସାଂସ୍କୃତିକ, ସଭ୍ୟତା ଏବଂ ଜାତିଗତ ବନ୍ଧନର ଅନନ୍ୟ ସମ୍ପର୍କ । ବୈଦେଶିକ ସଚିବ କହିଛନ୍ତି, ଭାରତ' ଭାରତ ମହାସାଗର ଅଞ୍ଚଳରେ ପ୍ରଥମ ପ୍ରତିକ୍ରିୟାକାରୀ ଏବଂ ସୁରକ୍ଷା ପ୍ରଦାନକାରୀ ହୋଇଥିବାବେଳେ ମରିସସ୍ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହିଁ । ସେ କହିଛନ୍ତି, ଏହା ଏକ ସହଭାଗିତା, ଯାହା ବିକାଶ ସହଯୋଗ, ସାମୁଦ୍ରିକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟସେବା ବିକାଶ ସମେତ ବିଭିନ୍ନ କ୍ଷେତ୍ରରେ ବିକଶିତ ହୋଇଛି ।

## ପି.ଏମ୍. - ଉତ୍ତରାଖଣ୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଡେରାଡୁନ୍‌ରେ ଉତ୍ତରାଖଣ୍ଡର ପ୍ରଭାବିତ ଅଞ୍ଚଳରେ ବନ୍ୟା ପରିସ୍ଥିତି ଓ ବର୍ଷା ଏବଂ ଭୂସ୍ଖଳନ ଜନିତ କ୍ଷୟକ୍ଷତିର ସମୀକ୍ଷା କରିଛନ୍ତି । ପ୍ରଧାନମନ୍ତ୍ରୀ ଉତ୍ତରାଖଣ୍ଡପାଇଁ ୧୨ ଶହ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଛନ୍ତି । ସମଗ୍ର ଅଞ୍ଚଳ ତଥା ଲୋକମାନଙ୍କୁ ପୁନରୁଦ୍ଧାରରେ ସହାୟତା କରିବାପାଇଁ ବହୁମୁଖୀ ପଦକ୍ଷେପର

ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପି.ଏମ୍. ଆବାସ ଯୋଜନାରେ ଗୃହ ପୁନଃନିର୍ମାଣ, ଜାତୀୟ ରାଜପଥ ପୁନରୁଦ୍ଧାର, ବିଦ୍ୟାଳୟ ପୁନଃନିର୍ମାଣ, ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି ଏବଂ ପଶୁପାଳନ ପାଇଁ ମିନିକିଟ୍ ବଣ୍ଟନ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ରହିବ । ଶ୍ରୀ ମୋଦି ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଓ ବନ୍ୟା ଏବଂ ବିପର୍ଯ୍ୟୟରେ ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ପିତାମାତାଙ୍କୁ ହରାଇଥିବା ପିଲାମାନଙ୍କପାଇଁ PM Cares for Children ଯୋଜନା ମାଧ୍ୟମରେ ସହାୟତା ଯୋଗାଇ ଦିଆଯିବ, ଯାହା ସେମାନଙ୍କ ଦୀର୍ଘକାଳୀନ ଯତ୍ନ ଏବଂ କଲ୍ୟାଣକୁ ସୁନିଶ୍ଚିତ କରିବ ।

## ଅଶ୍ୱିନୀ ବୈଷ୍ଣବ - ମେକ୍ ଇନ୍ ଇଣ୍ଡିଆ

କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ, ସୂଚନା-ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳତା ଏବଂ ମେକ୍ ଇନ୍ ଇଣ୍ଡିଆ ଦୃଷ୍ଟିକୋଣ ଅଧୀନରେ ଦେଶ ଆଇ.ଟି. ଏବଂ ଇଲେକ୍ଟ୍ରୋନିକ୍ସ କେନ୍ଦ୍ର ଭାବେ ଉଭା ହେଉଛି । ଆଜି ଜୟପୁରରେ ଲଘୁ ଉଦ୍ୟୋଗ ଭାରତୀଦ୍ୱାରା ଆୟୋଜିତ ଆୟୋଜିତ

ଆଇଡିଆଥନ୍-୨୦୨୫ର ଶେଷ ଅଧିବେଶନରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଛନ୍ତି, ଆଇ.ଟି. କ୍ଷେତ୍ରରେ ଭାରତର ପ୍ରଗତି ବିଶ୍ୱସ୍ତରୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି । ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୧୧ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଅଧିକ ହେବା ସହ ୨୫ ଲକ୍ଷରୁ ଅଧିକ ଲୋକଙ୍କପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଭାରତର ଇଲୋକ୍ଟ୍ରୋନିକ୍ସ ଉତ୍ପାଦନ କେବଳ ଘରୋଇ ଆବଶ୍ୟକତା ପୂରଣ କରିବ ନାହିଁ; ବରଂ ରପ୍ତାନୀ ମାଧ୍ୟମରେ ଅନ୍ତର୍ଜାତୀୟ ବଜାରରେ ମଧ୍ୟ ଉପଲବ୍ଧ ହେବ । ଦେଶରେ ସେମିକଣ୍ଡକ୍ଟର ଚିପ୍‌ସ ଉତ୍ପାଦନର ସଫଳତା ସମ୍ପର୍କରେ ମଧ୍ୟ ମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଜି.ଏସ୍.ଟି. ସଂସ୍କାର ବିଷୟରେ ଉଲ୍ଲେଖ କରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହା ଅନେକ ଦୈନନ୍ଦିନ ବ୍ୟବହାର ସାମଗ୍ରୀର ମୂଲ୍ୟ ହ୍ରାସ କରିବା ସହ ବ୍ୟବସାୟୀଙ୍କ ସମେତ ଅର୍ଥନୀତିକୁ ମଧ୍ୟ ଲାଭ ପହଞ୍ଚାଇବ । ଗତ ଅବସରେ ଶ୍ରୀ ବୈଷ୍ଣବ ଜୟପୁରରେ ବିଭିନ୍ନ ରେଳ ପ୍ରକଳ୍ପ ମଧ୍ୟ ପରିଦର୍ଶନ କରିବା ସହ ଚାଲିଥିବା ବିକାଶ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ ।

## ଶେଖାୱତ୍ - ଜ୍ଞାନଭାରତମ୍

କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ସାଂସ୍କୃତିକ ନବଜାଗରଣର ଏକ ପର୍ଯ୍ୟାୟ ଦେଇ ଗତି କରୁଛି । ଆଜି ନୂଆଦିଲ୍ଲୀରେ ଜ୍ଞାନଭାରତମ୍ ଅନ୍ତର୍ଜାତୀୟ

ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଶ୍ରୀ ଶେଖାୱତ୍ କହିଛନ୍ତି, ଜ୍ଞାନଭାରତମ୍ ହେଉଛି ଭାରତର ପାଣ୍ଡୁଲିପି ଐତିହ୍ୟର ସଂରକ୍ଷଣ, ଡିଜିଟାଇଜେସନ୍ ଏବଂ ପ୍ରସାରପାଇଁ ଏକ ଉତ୍ସର୍ଗୀକୃତ ଜାତୀୟ ପଦକ୍ଷେପ । ଏହି ମିଶନ୍‌ର ଲକ୍ଷ୍ୟ ଭବିଷ୍ୟତପାଇଁ ଭାରତର ପାଣ୍ଡୁଲିପି ଐତିହ୍ୟର ସଂରକ୍ଷଣ । ସେ କହିଛନ୍ତି, ହଜାର ହଜାର ବର୍ଷ ପୂର୍ବେ ସୃଷ୍ଟି ହୋଇଥିବା ଜୀବନ ସହିତ ଜଡ଼ିତ ସମସ୍ତ ଶିକ୍ଷା ଏବେବି ମାନବଜାତି ଓ ପରିବେଶପାଇଁ ଉପଯୋଗୀ । ଏହି ସମ୍ମିଳନୀରେ ଦେଶ ଓ ବିଦେଶରୁ ବିଦ୍ୱାନ, ବିଶେଷଜ୍ଞ, ଅନୁଷ୍ଠାନ ଏବଂ ସାଂସ୍କୃତିକ ଅଭ୍ୟାସକାରୀଙ୍କ ସମେତ ଏକ ହଜାରରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇଛନ୍ତି ।

## ଗଡ଼କରୀ - ବାୟୋ ଏନର୍ଜି କନ୍‌ଫରେନ୍ସ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଚିନି ଶିଳ୍ପକୁ ଦେଶର ମେରୁଦଣ୍ଡ ବୋଲି କହିବା ସହ ଶିଳ୍ପର ପ୍ରଶଂସା କରିଛନ୍ତି । କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ ଭାରତ ଚିନି ଏବଂ ଜୈବଶକ୍ତି ସମ୍ମିଳନୀର ତୃତୀୟ ସଂସ୍କରଣରେ ଯୋଗଦେଇ ଶ୍ରୀ ଗଡ଼କରୀ କହିଛନ୍ତି, ଭାରତର ଜୈବଶକ୍ତି କ୍ଷେତ୍ର ଏହାର ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ ମାଧ୍ୟମରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି । ବାୟୁ ପ୍ରଦୂଷଣ

ନିୟନ୍ତ୍ରଣ କରିବାପାଇଁ ଜୀବାଶ୍ମ ଇନ୍ଧନ ଆମଦାନୀ ହ୍ରାସ କରିବା ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଯୋଶୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଦେଶର ଇଥାନଲ୍ ମିଶ୍ରଣ ୧ ଦଶମିକ ୫ ପ୍ରତିଶତରୁ ୨୦ ପ୍ରତିଶତକୁ ବୃଦ୍ଧି ପାଇଛି । ଆଖୁ ଏକ ପାରମ୍ପରିକ ଫସଲରୁ ରଣନୈତିକ, ଅର୍ଥନୈତିକ ଏବଂ ଶକ୍ତି ସମ୍ପତ୍ତିରେ ପରିଣତ ହୋଇଛି ବୋଲି ଶ୍ରୀ ଯୋଶୀ କହିଛନ୍ତି ।

## ନଡ୍ଡା – ଡେଙ୍ଗୁ ଆଣ୍ଡ୍ ମ୍ୟାଲେରିଆ

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଆଜି ରାଜ୍ୟଗୁଡ଼ିକଦ୍ୱାରା ଗ୍ରହଣ କରାଯାଉଥିବା ପ୍ରତିରୋଧୀ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଦେଶରେ ବର୍ତ୍ତମାନ ଡେଙ୍ଗୁ ଏବଂ ମ୍ୟାଲେରିଆ ପରିସ୍ଥିତିର ସମୀକ୍ଷା କରିଛନ୍ତି । ସମୀକ୍ଷା ବୈଠକରେ ଶ୍ରୀ ନଡ୍ଡା' ରାଜ୍ୟ, ସ୍ଥାନୀୟ ସଂସ୍ଥା ଏବଂ ସମ୍ପ୍ରଦାୟକୁ ସାଧାରଣ ସ୍ୱାସ୍ଥ୍ୟର ସୁରକ୍ଷାପାଇଁ ପ୍ରତିରୋଧୀ ଏବଂ ନିୟନ୍ତ୍ରଣ ପଦକ୍ଷେପକୁ ଆହୁରି ତୀବ୍ର କରିବାକୁ ଅନୁରୋଧ କରିଛନ୍ତି । ସେ ସମସ୍ତ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ପରାମର୍ଶ ଜାରି କରିଛନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀମାନଙ୍କୁ ବ୍ୟକ୍ତିଗତ ଭାବେ ପରିସ୍ଥିତିର ସମୀକ୍ଷା କରିବାକୁ ଏବଂ ୨୦ ଦିନ ମଧ୍ୟରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ

ପରାମର୍ଶ ଦେଇଛନ୍ତି । ଶ୍ରୀ ନଡ୍ଡା କହିଛନ୍ତି, କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ହସ୍ପିଟାଲ୍‌ଗୁଡ଼ିକ ସମେତ ପର୍ଯ୍ୟାପ୍ତ ଔଷଧ, ରୋଗ ନିର୍ଣ୍ଣୟ, ଶଯ୍ୟା ଏବଂ ମଶାମୁକ୍ତ ପରିସର ନିଶ୍ଚିତ କରିବାକୁ ଆହ୍ୱାନ ଦେଇଛନ୍ତି । ଭାରତ' ମ୍ୟାଲେରିଆ ମୁକାବିଲା କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି ବୋଲି କହିବା ସହ ମନ୍ତ୍ରୀ କହିଛନ୍ତି, ଦେଶ ୨୦୧୫ରୁ ୨୦୨୪ ମଧ୍ୟରେ ମ୍ୟାଲେରିଆ ମାମଲାରେ ୭୮ ପ୍ରତିଶତରୁ ଅଧିକ ହ୍ରାସ ପାଇଛି । ୨୦୨୨ରୁ ୨୦୨୪ ବର୍ଷରେ ୧୬୦ଟି ଜିଲ୍ଲାରେ କୌଣସି ମ୍ୟାଲେରିଆ ମାମଲା ରିପୋର୍ଟ ହୋଇ ନାହିଁ ବୋଲି ଶ୍ରୀ ନଡ୍ଡା ସୂଚନା ଦେଇଛନ୍ତି ।

## ମହାରାଷ୍ଟ୍ର - ଗଭର୍ଣ୍ଣର

ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ମହାରାଷ୍ଟ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଏନେଇ ରାଷ୍ଟ୍ରପତି ଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଭାରତର ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ସି.ପି. ରାଧାକ୍ରିଷ୍ଣନ୍ ମହାରାଷ୍ଟ୍ରର ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ଆଚାର୍ଯ୍ୟ ଦେବବ୍ରତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି ।

# ନେପାଳ - ଇଣ୍ଟେରିମ୍ ଗଭ୍

ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ରନ ପାଉଡେଲ୍ ଏକ ବିବୃତ୍ତିରେ କହିଛନ୍ତି, ବର୍ତ୍ତମାନ ସାମ୍ବିଧାନିକ ସୀମା ମଧ୍ୟରେ ଦେଶରେ ଚାଲିଥିବା ସମସ୍ୟାର ସମାଧାନ ପାଇଁ ପ୍ରୟାସ ଜାରି ରହିଛି । ଡେମୋକ୍ରାଟିକ୍ ଥଟ୍ ସୋସାଇଟି ସମସ୍ତ ନାଗରିକ ସମାଜ ସଙ୍ଗଠନକୁ ଶାନ୍ତିପୂର୍ଣ୍ଣ ଆଲୋଚନା ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ମାଧ୍ୟମରେ ବର୍ତ୍ତମାନ ପରିସ୍ଥିତିର ସମାଧାନର ପନ୍ଥା ବାହାର କରିବାପାଇଁ ଅନୁରୋଧ କରିଛି । କାଠମାଣ୍ଡୁ ଉପତ୍ୟକାରେ ଆସନ୍ତାକାଲି ସକାଳ ୬ଟା ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିଛି । ପ୍ରତିବାଦକାରୀଙ୍କ ପ୍ରତିନିଧିମାନେ ଆଲୋଚନାପାଇଁ ପ୍ରସ୍ତୁତ ହେଉଛନ୍ତି । ବିଭିନ୍ନ ସଙ୍ଗଠନ ସମସ୍ୟାର ସମାଧାନପାଇଁ ଆହ୍ୱାନ ଦେଉଛନ୍ତି । ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ପୁଣି ଥରେ ଖୋଲାଯାଇଛି । ବୈଧ ଟିକେଟ ଥିବା ପର୍ଯ୍ୟଟକମାନଙ୍କୁ ସୁରକ୍ଷା କର୍ମୀମାନେ ବିମାନ ବନ୍ଦରରେ ପହଞ୍ଚିବାପାଇଁ ସହାୟତା ପ୍ରଦାନ କରୁଛନ୍ତି । ଜେନ୍‌ଜେଡ୍ ପ୍ରଦର୍ଶନରେ ମୃତ୍ୟୁସଂଖ୍ୟା ୩୪ରେ ପହଞ୍ଚିଛି ଏବଂ ୧୧ ହଜାରରୁ ଅଧିକ ଆହତ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି ।

# ଏସିଆ କପ୍ କ୍ରିକେଟ୍

ଏସିଆ କପ୍ ପୁରୁଷ କ୍ରିକେଟ ପ୍ରତିଯୋଗିତାରେ ଆଜି ଆବୁଧାବିସ୍ଥିତ ଶେଖ୍ ଜାୟାଦ୍ ଷ୍ଟାଡିୟମ୍‌ରେ ଭାରତୀୟ ସମୟ ରାତି ୮ଟାରେ ଗ୍ରୁପ୍-ବି.’ର ଏକ ମ୍ୟାଚ୍‌ରେ ବାଂଲାଦେଶ ଓ ହଂକଂ ମଧ୍ୟରେ ମୁକାବିଲା ହେବ ।

ଗତକାଲି ଦୁବାଇ ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମଠାରେ ଅନୁଷ୍ଠିତ ଗ୍ରୁପ୍-ଏ’ର ପ୍ରଥମ ମ୍ୟାଚ୍‌ରେ ଭାରତ ୯ ୱିକେଟ୍‌ରେ ସଂଯୁକ୍ତ ଆରବ ଏମିରେଟ୍‌ସକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ସଂଯୁକ୍ତ ଆରବ ଏମିରେଟ୍‌ସ ୧୩ ଓଭର ଗୋଟିଏ ବଲ୍‌ରେ ୫୭ ରନ୍ ସଂଗ୍ରହ କରିଥିଲା । ଭାରତ ମାତ୍ର ୪ ଓଭର ୩ଟି ବଲ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

*****